# NATIONAL NEWS BULLETIN (ODIA)

## 14 February - 2025

## Evening Bulletin : 7.15 P.M.

************************************

## ମୁଖ୍ୟ ସମ୍ବାଦ

- ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ମାନବୀୟ ମୂଲ୍ୟବୋଧ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କଲେ ରାଷ୍ଟ୍ରପତି ।
- ଜନସାଧାରଣଙ୍କୁ ତ୍ୱରିତ ତଥା ସ୍ୱଚ୍ଛ ନ୍ୟାୟ ପ୍ରଦାନ କରିବା ଦିଗରେ କେନ୍ଦ୍ର ସରକାର ପ୍ରତିଶ୍ରୁତି ବଦ୍ଧ, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ରାଷ୍ଟ୍ରାୟତ ଉଦ୍ୟୋଗ ବି.ଏସ୍.ଏନ୍.ଏଲ୍.ର ତୃତୀୟ ତ୍ରୈମାସିକ ଅବଧିରେ ୨୬୨ କୋଟି ଟଙ୍କା ଲାଭ ।
- ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ଭାରତ-ଆମେରିକା ଦ୍ୱିପକ୍ଷିୟ ଶକ୍ତି ଭାଗିଦାରୀର ହୋଇଛି ଉଲ୍ଲେଖନୀୟ ପ୍ରଗତି ।

ଏବଂ

- ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆଜି ହଲ୍ଦ୍ୱାନିରେ ଉଦ୍ଯାପିତ ।

## ପ୍ରେସିଡେଣ୍ଟ-କର୍ଣ୍ଣାଟକ

ବର୍ତ୍ତମାନର ଅତ୍ୟାଧୁନିକ ଜ୍ଞାନକୌଶଳ ଯୁଗରେ ମାନବୀୟ ମୂଲ୍ୟବୋଧ ବଜାୟ ରଖିବା ଉପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁତ୍ୱାରୋପ କରିଛନ୍ତି । ଆଜି ବେଙ୍ଗାଲୁରୁଠାରେ ଆର୍ଟ୍ ଅଫ୍ ଲିଭିଂ ଦ୍ୱାରା ଆୟୋଜିତ ଦଶମ ଆନ୍ତର୍ଜାତିକ ମହିଳା ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ମାନବୀୟ ମୂଲ୍ୟବୋଧକୁ ବଜାୟ ରଖି ବିକାଶ ଦିଗରେ ପ୍ରଚେଷ୍ଟା ଜାରି ରହିଲେ ଏକ ବିକଶିତ ଭାରତ ସମ୍ଭବ ହୋଇପାରିବ । ଆସନ୍ତାକାଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ରାଞ୍ଚି ସ୍ଥିତ ବି.ଆଇ.ଟି. ମେଶ୍ରାର ପ୍ଲାଟିନମ୍ ଜୁବ୍‌ଲି ସମାରୋହରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ଶାହା-ନ୍ୟୁ କ୍ରିମିନାଲ୍ ଲ

ଜନସାଧାରଣଙ୍କୁ ତ୍ୱରିତ ତଥା ସ୍ୱଚ୍ଛ ନ୍ୟାୟ ପ୍ରଦାନ କରିବା ଦିଗରେ କେନ୍ଦ୍ର ସରକାର ପ୍ରତିଶ୍ରୁତି ବଦ୍ଧ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ମହାରାଷ୍ଟ୍ରରେ ତିନୋଟି ନୂତନ ଅପରାଧିକ ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିବା ଅବସରରେ ସେ ଏହା କହିଛନ୍ତି । ଦେଶବ୍ୟାପି ବିଭିନ୍ନ ଅଦାଲତରେ ପଡ଼ି

ରହିଥିବା ମାମଲା ଗୁଡ଼ିକ ମଧ୍ୟରୁ ୭ ବର୍ଷରୁ ଊର୍ଦ୍ଧ୍ୱ କାରାଗାର ଦଣ୍ଡାଦେଶ ହେବାକୁ ଥିବା କ୍ଷେତ୍ରରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବା ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀ ଶାହା କହିଛନ୍ତି ।

ସେହିଭଳି ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟାକୁ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ରେକର୍ଡ଼ କରାଇବା ଉପରେ ମଧ୍ୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏହାଛଡ଼ା ବିଭିନ୍ନ ମାମଲାରେ ପଚରାଉଚରା କରିବା ଲାଗି ହାଜତରେ ଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଇଲେକ୍ଟ୍ରୋନିକ୍ ଡ୍ୟାସ୍ ବୋର୍ଡ୍‌ରେ ତଥ୍ୟ ଉପଲବ୍ଧ କରାଇବା ଲାଗି ମଧ୍ୟ ଶ୍ରୀ ଶାହା ପୁଲିସ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି ଯେଉଁ ଆଇନ୍ ଗୁଡ଼ିକର କାର୍ଯ୍ୟକାରିତା ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ସମୀକ୍ଷା କରିଛନ୍ତି ସେଗୁଡ଼ିକ ହେଲା – ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ । ମହାରାଷ୍ଟ୍ରରେ ପୁଲିସ୍, କାରାଗାର, ଅଦାଲତ, ବିଚାର ପ୍ରକ୍ରିୟା ତଥା ଫରେନ୍‌ସିକ୍ ଗବେଷଣାଗାର କ୍ଷେତ୍ରରେ ଏହି ନୂତନ ଆଇନ୍ ଗୁଡ଼ିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ଶ୍ରୀ ଶାହା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍‌ଙ୍କ ସହିତ ସମୀକ୍ଷା କରିଛନ୍ତି ।

ରାଜ୍ୟର ସମସ୍ତ କମିଶନରେଟ୍ ପୁଲିସ୍ ଅଞ୍ଚଳରେ ଏହି ନୂତନ ଆଇନ୍ ଗୁଡ଼ିକୁ କାର୍ଯ୍ୟକାରି କରିବା ସହିତ ସମଗ୍ର ରାଜ୍ୟରେ ଯଥା ଶୀଘ୍ର ଲାଗୁ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଫଡ଼ନାବିସ୍‌ଙ୍କୁ କହିଛନ୍ତି । ଏଥିସହିତ

ରାଜ୍ୟରେ ଏହି ନୂତନ ଅପରାଧିକ ଆଇନ୍ ଅନୁଯାୟୀ ଆଇନ୍‌ଗତ ବ୍ୟବସ୍ଥାର ଏକ ଆଦର୍ଶ ନିର୍ଦ୍ଦେଶାଳୟ ପ୍ରତିଷ୍ଠା କରିବାକୁ ମଧ୍ୟ ସ୍ୱରାଷ୍ଟ୍ର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବୈଠକ ପରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି, ଏହି ନୂତନ ଅପରାଧିକ ଆଇନ୍ ସମ୍ପର୍କରେ ରାଜ୍ୟର ୯୦ ପ୍ରତିଶତ ପୁଲିସ୍ କର୍ମଚାରୀ ତଥା ଅଧିକାରୀଙ୍କୁ ତାଲିମ୍ ଦିଆଯାଇ ସାରିଛି । ଏଥିସହିତ ଫରେନ୍‌ସିକ୍ ଭିତ୍ତିଭୂମିକୁ ସଶକ୍ତ କରିବା ଦିଗରେ ମଧ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ବୈଠକରେ ମହାରାଷ୍ଟ୍ରର ପୁଲିସ୍ ମହାନିର୍ଦ୍ଦେଶକ ରଶ୍ମୀ ଶୁକ୍ଲାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ଏଠାରେ ସୂଚନା ଦିଆଯାଇପାରେ ଭାରତୀୟ ବିଚାର ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପାରଦର୍ଶୀ ତଥା ସାମ୍ପ୍ରତିକ ସ୍ଥିତି ସହିତ ଖାପଖୁଆଇ ଅଧିକ ଜନାଭିମୁଖୀ କରିବା ଉଦ୍ଦେଶ୍ୟରେ ଗତବର୍ଷ ଜୁଲାଇ ପହିଲାରୁ ଦେଶ ବ୍ୟାପି ଏହି ନୂତନ ତିନୋଟି ଅପରାଧିକ ଆଇନ୍ କାର୍ଯ୍ୟକାରି କରାଯାଇଛି ।

# ଆଦି ମହୋତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ରବିବାର ଦିନ ନୂଆଦିଲ୍ଲୀ ଠାରେ ଆଦି ମହୋତ୍ସବ ୨୦୨୫ର ଉଦ୍‌ଘାଟନ କରିବେ । ମେଜର ଧ୍ୟାନଚାନ୍ଦ

ଷ୍ଟାଡିୟମ୍ ଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଜନଜାତି ସମ୍ପ୍ରଦାୟର କଳା, ସଂସ୍କୃତି, ଔଦଗିକ କାର୍ଯ୍ୟକଳାପ ତଥା ବାଣିଜ୍ୟ ସମ୍ପର୍କିତ ବିଭିନ୍ନ କଳାକୃତି ସ୍ଥାନ ପାଇବ । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଓ୍ୱିକେ କହିଛନ୍ତି, ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଜନଜାତି କାରିଗର ତଥା ଉଦ୍ୟୋଗୀଙ୍କର ବିଭିନ୍ନ କଳାକୃତି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଏହି ମହୋତ୍ସବ ଆୟୋଜନ କରାଯାଇଛି । ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଜନଜାତି ଉଦ୍ୟୋଗୀ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଓ୍ୱିକେ କହିଛନ୍ତି ।

ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କର ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ କରାଯିବ । ୯ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ଆସନ୍ତା ୨୪ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

## ସିନ୍ଧିଆ-ବିଏସ୍ଏନ୍ଏଲ୍

୨୦୨୪-୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଅବଧିରେ ରାଷ୍ଟ୍ରାୟତ ଉଦ୍ୟୋଗ ଭାରତ ସଞ୍ଚାର ନିଗମ ଲିମିଟେଡ୍ – ବି.ଏସ୍.ଏନ୍.ଏଲ୍. ୨୬୨ କୋଟି ଟଙ୍କା ଲାଭ କରିଛି ବୋଲି ଯୋଗାଯୋଗ

ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏହି ସୂଚନା ଦେଇ ସେ କହିଛନ୍ତି, ସର୍ବସାଧାରଣଙ୍କୁ ଶୁଳଭ ମୂଲ୍ୟରେ ତଥା ସହଜରେ ଟେଲିକମ୍ ସେବା ଯୋଗାଇଦେବା ସହିତ ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକୁ ସଶକ୍ତ କରିବା ଦିଗରେ ସରକାରଙ୍କ ପ୍ରତିଶ୍ରୁତିବଦ୍ଧତା ଏହାଦ୍ୱାରା ପ୍ରତିଫଳିତ ହୋଇଛି । ଗତ ୧୭ ବର୍ଷ ମଧ୍ୟରେ ପ୍ରଥମ ଥର ଲାଗି ବି.ଏସ୍.ଏନ୍.ଏଲ୍. ଏକ ତ୍ରୈମାସିକ ଅବଧିରେ ଏଭଳି ଲାଭାନ୍ୱିତ ହୋଇଛି । ଭାରତର ଡିଜିଟାଲ୍ ଭବିଷ୍ୟତ ଦିଗରେ ଟେଲିକମ୍ କ୍ଷେତ୍ର ଏକ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିବା ସମ୍ପର୍କିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟି କୋଣକୁ ସାକାର କରିବା ଦିଗରେ ଏହା ସହାୟକ ହୋଇଛି ବୋଲି ଶ୍ରୀ ସିନ୍ଧିଆ କହିଛନ୍ତି ।

## ପୁରି-ଇଣ୍ଡିଆ ଏନର୍ଜୀ ୱିକ୍

ଶକ୍ତି କ୍ଷେତ୍ରରେ ଭାରତ ଶକ୍ତି ସପ୍ତାହ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମଞ୍ଚ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛି ବୋଲି ପ୍ରେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦିପ ସିଂହ ପୁରି କହିଛନ୍ତି । ଆଜି ନୂଆଦିଲ୍ଲୀ ଠାରେ ଶକ୍ତି ସପ୍ତାହର ଉଦ୍‌ଯାପନି ସମାରୋହରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଏହି କ୍ଷେତ୍ର ସହିତ ସମ୍ପୃକ୍ତ ବିଭିନ୍ନ ପକ୍ଷମାନଙ୍କୁ ବ୍ୟବସାୟିକ ସୁବିଧା ଉପଲବ୍ଧ କରାଇ ଭାରତ ଶକ୍ତିସପ୍ତାହ ମଞ୍ଚ ବିଶ୍ୱର ଅନ୍ୟାନ୍ୟ ଶକ୍ତି ମଞ୍ଚ ଠାରୁ ନିଜକୁ ଉତ୍ତମ ମାନର ବୋଲି ସାବ୍ୟସ୍ତ କରିପାରିଛି । ବର୍ତ୍ତମାନ ଶକ୍ତି

କ୍ଷେତ୍ରରେ ପେଟ୍ରୋଲିୟମ୍, ପ୍ରାକୃତିକ ବାଷ୍ପ, ସବୁଜ ଶକ୍ତି, ଜୈବ ଇନ୍ଧନ ଭଳି ସମନ୍ୱିତ କ୍ଷେତ୍ରକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରିଛି । ପ୍ରାକୃତିକ ବାଷ୍ପ କ୍ଷେତ୍ରରେ ଭାରତ-ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱିପକ୍ଷିୟ ଶକ୍ତି ଭାଗିଦାରୀର ଉଲ୍ଲେଖନୀୟ ଉନ୍ନତି ଘଟିଛି ବୋଲି ଶ୍ରୀ ପୁରି ମତବ୍ୟକ୍ତ କରିଛନ୍ତି । ଏଥିସହିତ ଏଲ୍.ଏନ୍.ଜି. ଯୋଗାଣ କ୍ଷେତ୍ରରେ ଆମେରିକା ସହିତ ଏକ ରଣନୈତିକ ଭାଗିଦାରୀର ଗୁରୁତ୍ୱ ଉପରେ ମଧ୍ୟ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପୁରି ଗୁରୁତ୍ୱାରୋପ କରିଛନ୍ତି ।

## ବାଂଲାଦେଶ-ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ମସ୍କାଟ୍ ଠାରେ ବାଂଲାଦେଶ ବୈଦେଶିକ ବ୍ୟାପାର ପରାମର୍ଶଦାତା ମହମ୍ମଦ ତୁହିଦ ହୁସେନଙ୍କ ସହିତ ଦ୍ୱିପକ୍ଷିୟ କଥାବାର୍ତ୍ତା କରିବାର କାର୍ଯ୍ୟସୂଚୀ ରହିଛି । ଆସନ୍ତା ୧୬ ଓ ୧୭ ଦୁଇ ଦିନ ଧରି ସେଠାରେ ଆୟୋଜିତ ହେବାକୁ ଥିବା ଭାରତ ମହାସାଗରୀୟ ସମ୍ମିଳନୀ ଅବସରରେ ଏହି ଦ୍ୱିପକ୍ଷିୟ ଆଲୋଚନା ହେବାର ସମ୍ଭାବନା ରହିଛି । ଗତକାଲି ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ବାଂଲାଦେଶ ବୈଦେଶିକ ବ୍ୟାପାର ମୁଖପାତ୍ର ମହମ୍ମଦ ରଫିକୁଲ୍ ଆଲାମ୍ କହିଛନ୍ତି, ଓମାନର ବୈଦେଶିକ ମନ୍ତ୍ରୀ ଏବଂ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ନିମନ୍ତ୍ରଣ କ୍ରମେ ମହମ୍ମଦ ତୁହିଦ ହୁସେନ ମସ୍କାଟ୍ ଠାରେ ଏହି ସମ୍ମିଳନୀରେ ଯୋଗଦେବେ । ଭାରତ ଏବଂ

ଓମାନ୍ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି ବୈଠକର ବିଷୟବସ୍ତୁ ରହିଛି, "ନୌବାଣିଜ୍ୟ ଭାଗିଦାରୀର ନୂତନ ଦିଗ୍‌ବଳୟକୁ ଜଳଯାତ୍ରା" ।

ଭାରତ ମହାସାଗରୀୟ ସମ୍ମିଳନୀ ୨୦୧୬ ମସିହାରେ ପ୍ରଥମେ ସିଙ୍ଗାପୁର ଠାରେ ଆୟୋଜିତ ହୋଇଥିଲା । ଏଥିରେ ୩୦ଟି ଦେଶ ଅଂଶଗ୍ରହଣ କରିଥିଲେ । ଗତ ୮ ବର୍ଷ ମଧ୍ୟରେ ଏହି ସମ୍ମିଳନୀ ଆଞ୍ଚଳିକ ବ୍ୟାପାର ସମ୍ପର୍କରେ ସମ୍ପୃକ୍ତ ଦେଶଗୁଡ଼ିକ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଞ୍ଚ ଭାବେ ଉଭା ହୋଇଛି ।

## ନ୍ୟାସନାଲ୍ ଗେମ୍ସ-ଅମିତ ଶାହା

୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆଜି ଉତ୍ତରାଖଣ୍ଡର ହଲଦ୍ୱାନିରେ ଉଦ୍‌ଯାପିତ ହୋଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହି ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିଥିବାରୁ ଉତ୍ତରାଖଣ୍ଡ ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଅବସରରେ ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ପି.ଟି. ଉଷା ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ । ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି କ୍ରୀଡ଼ାର ପତାକାକୁ ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗମାଙ୍କୁ

ହସ୍ତାନ୍ତର କରିଥିଲେ । ୩୯ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାକୁ ମେଘାଳୟ ଆୟୋଜନ କରିବ ବୋଲି ସରକାରୀ ଭାବେ ଘୋଷଣା କରାଯାଇଛି ।

ଗତମାସ ୨୮ ତାରିଖରେ ଡେରାଡୁନ୍‌ର ମହାରଣା ପ୍ରତାପ କ୍ରୀଡ଼ା ମହାବିଦ୍ୟାଳୟରେ ଆୟୋଜିତ ଜାତୀୟ କ୍ରୀଡ଼ାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ଘାଟନ କରିଥିଲେ । ୩୮ତମ ଜାତୀୟ କ୍ରୀଡ଼ାରେ ୩୫ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## ସତ୍ୟେନ୍ଦ୍ର ଜୈନ-ରାଷ୍ଟ୍ରପତି

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ବିରୁଦ୍ଧରେ ମାମଲା ରୁଜୁ କରିବା ଲାଗି ଅନୁମତି ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅନୁରୋଧ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ୨୧୮ ଧାରା ଅନୁଯାୟୀ ଶ୍ରୀ ଜୈନଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ମନ୍ତ୍ରଣାଳୟ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଆର୍ଥିକ ଦୁର୍ନୀତି ସମେତ ଅନ୍ୟାନ୍ୟ ମାମଲାରେ ଶ୍ରୀ ଜୈନଙ୍କର ସମ୍ପୃକ୍ତି ଥିବାର ପ୍ରମାଣ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପାଇବା ପରେ ତାଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସୁପାରିଶ କରାଯାଇଛି ।